# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 11 January - 2025

*********************************

## ମୁଖ୍ୟ ସମ୍ବାଦ

- ଗଣତନ୍ତ୍ର, ସମାନତା ଓ ନିରପେକ୍ଷତାକୁ ବଜାୟ ରଖିବାରେ ଓଡ଼ିଶା ଉଚ୍ଚନ୍ୟାୟାଳୟ ଅନେକ ଐତିହାସିକ ରାୟ ପ୍ରଦାନ କରିଛି; କହିଲେ ମୁଖ୍ୟମନ୍ତ୍ରୀ

– କଟକଠାରେ ଦେଶର ପ୍ରଥମ ନ୍ୟାୟିକ ଅଭିଲେଖାଗାର ଉଦ୍‌ଘାଟିତ

- କପିଳାସର ସଂରକ୍ଷଣ ଏବଂ ହାତୀଙ୍କର ସୁରକ୍ଷା ଦିଗରେ ସଚେତନ ସୃଷ୍ଟି କରିବା ଲକ୍ଷ୍ୟରେ 'କପିଳାସ ହାଫ୍ ମାରାଥନ୍'କୁ ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

- ଦେଶର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଲାଲବାହାଦୂର ଶାସ୍ତ୍ରୀଙ୍କ ପୁଣ୍ୟତିଥିରେ ଦେଶବାସୀ ଦେଲେ ଶ୍ରଦ୍ଧାଞ୍ଜଳି

ଏବଂ

- ରାଉରକେଲା ବିର୍ସା ମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମ୍‌ଠାରେ ଆଜି ସନ୍ଧ୍ୟାରେ ଖେଳାଯିବ ଦୁଇଟି ମ୍ୟାଚ୍

*CTC*

## ମୁଖ୍ୟମନ୍ତ୍ରୀ– ଜୁଡିସିଆଲ ଏକାଡେମୀ

ଗଣତନ୍ତ୍ର, ସମାନତା ଓ ନିରପେକ୍ଷତାକୁ ବଜାୟ ରଖି ଓଡ଼ିଶା ଉଚ୍ଚନ୍ୟାୟାଳୟ ଅନେକ ଐତିହାସିକ ରାୟ ପ୍ରଦାନ କରିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। କଟକଠାରେ ଓଡ଼ିଶା ହାଇକୋର୍ଟର ଜୁଡିସିଆଲ ଅଭିଲେଖାଗାର ଭବନର ଉଦ୍‌ଘାଟନ କରି ଶ୍ରୀ ମାଝୀ କହିଛନ୍ତି, ଏହି ଅଭିଲେଖାଗାର ବିଚାର ବ୍ୟବସ୍ଥା ଭିତ୍ତିଭୂମି ନିର୍ମାଣ ଓ ଆଇନଗତ ବ୍ୟବସ୍ଥାର ସମୃଦ୍ଧ ଐତିହ୍ୟ ଭଣ୍ଡାର ଭାବେ କାର୍ଯ୍ୟ କରିବ। ନ୍ୟାୟ, ପ୍ରଶାସନ, ଇତିହାସ, ସଂସ୍କୃତି ଓ ଶିକ୍ଷାକୁ ବ୍ୟାପକ କରିବାରେ ଅଭିଲେଖାଗାର ସହାୟକ ହେବ। ନ୍ୟାୟିକ ଦସ୍ତାବିଜ ସଂରକ୍ଷଣରେ ଏହାର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଓଡ଼ିଶାରେ ନ୍ୟାୟିକ ଭିତ୍ତିଭୂମିର ବିକାଶ ପାଇଁ ଓଡ଼ିଶା ହାଇକୋର୍ଟଙ୍କ ସମସ୍ତ ପ୍ରସ୍ତାବକୁ ରାଜ୍ୟ ସରକାର ଖୁବ୍‌ଶୀଘ୍ର କାର୍ଯ୍ୟକାରୀ କରିବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି...

**- V/O -**

ଭାରତୀୟ ନ୍ୟାୟ ବ୍ୟବସ୍ଥା ସାରା ବିଶ୍ୱରେ ଅନନ୍ୟ ବୋଲି ମୁଖ୍ୟମନ୍ତ୍ରୀ ତାଙ୍କର ସମ୍ବୋଧନରେ କହିବା ସହିତ ଦେଶର ଗଣତନ୍ତ୍ର, ସ୍ୱତନ୍ତ୍ର ଗଣମାଧ୍ୟମ ଓ ନିରପେକ୍ଷ ନ୍ୟାୟପାଳିକା ପାଇଁ ସମଗ୍ର ବିଶ୍ୱରେ ସମ୍ମାନର

ଅଧିକାରୀ ହୋଇପାରିଛି। ଲୋକଙ୍କୁ ତ୍ୱରିତ ନ୍ୟାୟ ଦେବା ପାଇଁ କେନ୍ଦ୍ର ସରକାର ତିନୋଟି ନୂତନ ଆଇନ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମର ପ୍ରଣୟନ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂ କହିଛନ୍ତି, ଦେଶରେ ପ୍ରଥମ କରି ନିର୍ମିତ ହୋଇଥିବା ଏହି ଅଭିଲେଖାଗାର ଇତିହାସକୁ ସାଇତି ରଖିବା ସହିତ ଭବିଷ୍ୟତ ପିଢ଼ିଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। ଏହି ଅଭିଲେଖାଗାର ନ୍ୟାୟ ପ୍ରଦାନ ଏବଂ ନ୍ୟାୟିକ ପ୍ରଣାଳୀକୁ ସୁଦୃଢ଼ କରିବ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

***HS***

## କପିଳାସ ହାଫ୍ ମାରାଥନ

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଟାଟାଷ୍ଟିଲ୍ ମେରାମଣ୍ଡଳୀ ପକ୍ଷରୁ 'କପିଳାସ ହାଫ୍ ମାରାଥନ୍'ର ଦ୍ୱିତୀୟ ସଂସ୍କରଣକୁ ଶୁଭାରମ୍ଭ କରିଛନ୍ତି। ଜୈବ ବିବିଧତାରେ ପରିପୂର୍ଣ୍ଣ କପିଳାସର ସଂରକ୍ଷଣ ଏବଂ ହାତୀମାନଙ୍କ ସୁରକ୍ଷା ଦିଗରେ ଲୋକମାନଙ୍କ ଭିତରେ ସଚେତନ ସୃଷ୍ଟି କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବାରୁ, ମନ୍ତ୍ରୀ ଶ୍ରୀ ପ୍ରଧାନ ସ୍ୱାଗତ କରିଛନ୍ତି। ମାରାଥନ୍‌ରେ ଛାତ୍ରଛାତ୍ରୀମାନଙ୍କ ସହିତ ଯୁବବର୍ଗ ଏବଂ ଅନ୍ୟମାନେ ଭାଗ ନେଇଥିଲେ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଫିଟ୍ ଇଣ୍ଡିଆ

ଆହ୍ୱାନ ଅନୁସାରେ ଏହି ମାରାଥନ୍ ସମାଜରେ ଲୋକମାନଙ୍କର ସୁସ୍ଥ ଜୀବନଶୈଳୀ ଏବଂ ଶରୀରକୁ ସୁସ୍ଥ ରଖିବା ସହିତ ପରିବେଶ ସୁରକ୍ଷା ଓ ଏହି ଅଞ୍ଚଳର ପର୍ଯ୍ୟଟନର ବିକାଶରେ ମଧ୍ୟ ସଚେତନ କରାଇବ। କପିଳାସକୁ ବିଶ୍ୱ ପର୍ଯ୍ୟଟନ ଏବଂ ମାରାଥନ ଦୌଡ଼ର ଏକ ପ୍ରମୁଖ ସ୍ଥାନ ଭାବରେ ପ୍ରତିଷ୍ଠିତ କରାଇବାରେ ସହାୟକ ହେବ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ କହିଛନ୍ତି।

***Desk***

# ପ୍ରବାସୀ ଭାରତୀୟ ଦିବସ ବଢ଼ିଲା

ଭୁବନେଶ୍ୱର ଜନତା ମଇଦାନରେ ଚାଲିଥିବା ତିନିଦିନିଆ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ ପ୍ରଦର୍ଶନୀ ଆଜି ଏବଂ ଆସନ୍ତାକାଲି ଦୁଇଦିନ ସର୍ବସାଧାରଣଙ୍କ ପାଇଁ ଖୋଲା ରହିବ । ସାଧାରଣ ଜନତା ଏହି ସମୟ ମଧ୍ୟରେ ପ୍ରଦର୍ଶନୀ ମଣ୍ଡପଗୁଡ଼ିକୁ ବୁଲି ଦେଖିପାରିବେ । ସୂଚନାଯୋଗ୍ୟ, ଗତକାଲି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ୪୦୦ରୁ ଊର୍ଦ୍ଧ୍ୱ ପ୍ରବାସୀ ଭାରତୀୟ ଦର୍ଶନ କରିଛନ୍ତି। ସେହିପରି ସମ୍ମିଳନୀର ତୃତୀୟ ଦିବସରେ ପ୍ରାୟ ୮ଟି ଦେଶରୁ ଆସିଥିବା ୪୯ ପ୍ରବାସୀ ଭାରତୀୟ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ପରିଦର୍ଶନ କରିଛନ୍ତି।

***Desk***

## ସୁଭଦ୍ରା ଯୋଜନା

ସୁଭଦ୍ରା ଯୋଜନାରୁ ବାଦ୍ ପଡ଼ିଥିବା ହିତାଧିକାରୀ ପୁଣିଥରେ ଯୋଜନାରେ ସାମିଲ ହୋଇପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ

ପରିଡ଼ା କହିଛନ୍ତି। ଯେଉଁ ହିତାଧିକାରୀମାନେ କୌଣସି କାରଣବଶତଃ ଏହି ଯୋଜନାରୁ ବାଦ୍ ପଡ଼ିଛନ୍ତି ସେମାନେ ସୁଭଦ୍ରା ଯୋଜନାର ପୋର୍ଟାଲରେ ଲଗ୍ ଇନ୍ କରି ସାମିଲ ହୋଇପାରିବେ।

***Desk***

# ରତ୍ନଭଣ୍ଡାର ମରାମତି କାର୍ଯ୍ୟ

ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଆସନ୍ତାକାଲିଠାରୁ ୧୫ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖାଯିବ । ମକର ସଂକ୍ରାନ୍ତି ଏବଂ ଠାକୁରଙ୍କର ଅନ୍ୟାନ୍ୟ ନୀତିକାନ୍ତି ଓ ଶ୍ରଦ୍ଧାଳୁଙ୍କର ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ କହିଛନ୍ତି । ମରାମତି କାର୍ଯ୍ୟ ୧୬ ତାରିଖରୁ ପୁନଃ ଆରମ୍ଭ କରାଯିବ ବୋଲି ଶ୍ରୀ ପାଢ଼ୀ ସୂଚନା ଦେଇଛନ୍ତି ।

***Desk***

## ଶାସ୍ତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳୀ

ଦେଶର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଲାଲବାହାଦୂର ଶାସ୍ତ୍ରୀଙ୍କର ପୁଣ୍ୟତିଥିରେ ଦେଶବାସୀ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କର ରାଷ୍ଟ୍ରପତିତ୍ୱ ସମୟରେ ଲାଲବାହାଦୂର ଶାସ୍ତ୍ରୀ ଦେଶର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଭାବେ ୧୯୬୪ ମସିହା ଜୁନ୍ ମାସ ୯ ତାରିଖରୁ ୧୯୬୬ ମସିହା ଜାନୁଆରୀ ମାସ ୧୧ ତାରିଖ ପର୍ଯ୍ୟନ୍ତ ଦାୟିତ୍ୱ ତୁଲାଇଥିଲେ। ମାନବିକ ମୂଲ୍ୟବୋଦର ପ୍ରତୀକ ଓ ସ୍ୱର୍ଗତଃ ଶାସ୍ତ୍ରୀ ବିଶ୍ୱ

ଶାନ୍ତିରେ ଗୁରୁତ୍ୱ ଦେଉଥିଲେ। ତାଙ୍କର ପ୍ରଧାନମନ୍ତ୍ରୀତ୍ୱ ସମୟରେ ତାସକେଣ୍ଟଠାରେ ଭାରତ ଓ ପାକିସ୍ତାନ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଲାଲବାହାଦୂର ଶାସ୍ତ୍ରୀ ୧୯୨୩ ମସିହା ଲବଣ ସତ୍ୟାଗ୍ରହ ଏବଂ ୧୯୪୨ ମସିହା ଭାରତଛାଡ଼ ଆନ୍ଦୋଳନରେ ପ୍ରମୁଖ ଭୂମିକା ନେଇଥିଲେ।

ଲାଲବାହାଦୂର ଶାସ୍ତ୍ରୀଙ୍କର ପୁଣ୍ୟତିଥିରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାମାଜିକ ଗଣମାଧମରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେଇ କହିଛନ୍ତି, ଶାସ୍ତ୍ରିଜୀଙ୍କ ସରଳତା, ସୁଚିନ୍ତା ଓ ତ୍ୟାଗ ଭାରତୀୟ ରାଜନୀତିକୁ ଏକ ନୂଆ ଦିଗ ଦେଇଛି। ତାଙ୍କର ପ୍ରସିଦ୍ଧ ସ୍ଲୋଗାନ 'ଜୟ ଯାବନ, ଜୟ କିଶାନ' ଆଜି ମଧ୍ୟ ଦେଶବାସୀଙ୍କ ହୃଦୟରେ ଗୁଞ୍ଜରିତ ହୋଇଥାଏ।

***Desk***

## ଭୁବନେଶ୍ୱର-କ୍ୱାଲାଲାମପୁର ବିମାନ

ଭୁବନେଶ୍ୱରରୁ କ୍ୱାଲାଲାମପୁରକୁ ବିମାନ ଉଡ଼ିବା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି। ଏ ନେଇ ଚୁକ୍ତିନାମା ଶେଷ ହୋଇଥିବା ବେଳେ ଖୁବ୍‌ଶୀଘ୍ର ଏହି ସେବା ଆରମ୍ଭ ହେବ। ସୂଚନା ଅନୁସାରେ, ପୂର୍ବରୁ ଭୁବନେଶ୍ୱରରୁ କ୍ୱାଲାଲାମପୁରକୁ ବିମାନ ଉଡ଼ାଣ କରୁଥିବା ବେଳେ ପରବର୍ତ୍ତୀ ସମୟରେ ଏହି ସେବା ବନ୍ଦ ରହିଥିଲା।

*BHK*

## ନିଯୁକ୍ତିଭିତ୍ତିକ ପ୍ରଶିକ୍ଷଣ

ଭଦ୍ରକ ଜିଲ୍ଲାର ୭ଟି ବ୍ଲକରେ ନିଯୁକ୍ତିଭିତ୍ତିକ ପ୍ରଶିକ୍ଷଣ ଶିବିର ଆୟୋଜନ ପାଇଁ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ହୋଇଯାଇଛି । ବୈଠକରୁ ମିଳିଥିବା ସୂଚନା ଅନୁସାରେ, ଚଳିତ ମାସ ୨୧ ତାରିଖରେ ଚାନ୍ଦବାଲି, ୨୨ ତାରିଖରେ ତିହିଡ଼ି ଏବଂ ୨୮ ତାରିଖରେ ବନ୍ତ ବ୍ଲକରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ । ସେହିଭଳି ଚଳିତ ମାସ ୨୯ ତାରିଖରେ ଭଣ୍ଡାରୀପୋଖରୀ, ୩୦ ତାରିଖରେ ଧାମନଗର, ୩୧ ତାରିଖରେ ବାସୁଦେବପୁର ଏବଂ ଫେବୃଆରୀ ମାସ ୧ ତାରିଖରେ ଭଦ୍ରକ ବ୍ଲକରେ ଦିନିକିଆ ପ୍ରଶିକ୍ଷଣ ଶିବିର ହେବ ।

*Ganjam*

## ଫସଲକ୍ଷତି

ଗଞ୍ଜାମ ଜିଲ୍ଲାରେ ଅଦିନିଆ ବର୍ଷା ଯୋଗୁଁ ଫସଲକ୍ଷତି ବାବଦରେ ପ୍ରଥମ ପର୍ଯ୍ୟାୟରେ ୮ ହଜାର ୮୫୧ ଜଣ ଚାଷୀଙ୍କୁ ୩ କୋଟି ୭୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ କରାଯାଇଥିବା ଜିଲ୍ଲା ପ୍ରଶାସନ ସୂତ୍ରରୁ ଜଣାପଡ଼ିଛି । ସରକାରୀ ତଥ୍ୟ ଅନୁସାରେ, ଜିଲ୍ଲାରେ ଅଦିନିଆ ବର୍ଷା ଯୋଗୁଁ ୬୦ ହଜାର ୭୧୨ ହେକ୍ଟର ଜମିରେ ଫସଲ ନଷ୍ଟ ହୋଇଥିଲା । କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଆର୍ଥିକ ସହାୟତା ଦେବା ପାଇଁ ପାଖାପାଖି ୯୦ କୋଟି ଟଙ୍କା ଜିଲ୍ଲାକୁ ମଞ୍ଜୁରୀ ହୋଇଛି ।

*Desk*

# ଭିତରକନିକା-କୁମ୍ଭୀର ଗଣନା

ଭିତରକନିକା ଜାତୀୟ ଉଦ୍ୟାନରେ ଆସନ୍ତା ୧୪ ତାରିଖରୁ କୁମ୍ଭୀର ଗଣନା କରାଯିବ । ବନବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଗଣନାକାର୍ଯ୍ୟ ଚାଲିବ । ଏଥିପାଇଁ ଏହି ସମୟ ମଧ୍ୟରେ ଭିତରକନିକାକୁ ପର୍ଯ୍ୟଟକଙ୍କ ପ୍ରବେଶକୁ ନିଷେଧ କରାଯାଇଛି ।

*Nayagarh*

# ଭାପୁର ମହୋତ୍ସବ

ନୟାଗଡ଼ ଜିଲ୍ଲା ଭାପୁର ବ୍ଲକରେ ତୃତୀୟ ଭାପୁର ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ ହୋଇଛି । ମୁଖ୍ୟ ଅତିଥିଭାବେ ରାଜ୍ୟସଭା ସାଂସଦ ବାଲଯୋଗୀ ଉମେଶନାଥ ମହାରାଜ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ଅଞ୍ଚଳର ଐତିହ୍ୟ, କଳା ସଂସ୍କୃତି ତଥା ଅସ୍ମିତାକୁ ଉଜ୍ଜୀବିତ କରିବାକୁ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ ।

*Desk*

# ହକି ଇଣ୍ଡିଆ ଲିଗ୍

ରାଉରକେଲା ବିର୍ସାମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମଠାରେ ଆଜି ଦୁଇଟି ମ୍ୟାଚ୍ ଖେଳାଯିବ । ପ୍ରଥମ ମ୍ୟାଚ୍ ହାଇଦ୍ରାବାଦ ତୋଫାନ୍ସ ଓ

ସୁରମା ହକି କ୍ଲବ ମଧ୍ୟରେ ଏବଂ ଦ୍ୱିତୀୟ ମ୍ୟାଚ୍ ରାତି ୮ଟା ୧୫ ମିନିଟ୍‌ରେ ଦିଲ୍ଲୀ ଏସ୍‌ଜି ପାଇପର୍ସ ଓ ୟୁପି ରୁଦ୍ରସ ମଧ୍ୟରେ ଖେଳାଯିବ।

***Desk***

# ପାଣିପାଗ

ରାଜ୍ୟରେ ଶୀତ ଲହରୀ ଜାରି ରହିଛି। ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ତାପମାତ୍ରା ବୃଦ୍ଧି ପାଇବା ସହ ଶୀତର ପ୍ରକୋପ କ୍ରମଶଃ ହ୍ରାସ ପାଇବ। ଆସନ୍ତା ୩ ଦିନ ପର୍ଯ୍ୟନ୍ତ ରାଜ୍ୟରେ ପାଗ ଶୁଖିଲା ରହିବ। ଗତକାଲି ୧୦ଟି ସହରର ତାପମାତ୍ରା ୧୦ ଡିଗ୍ରୀ ସେଲସିୟସ ଠାରୁ ନିମ୍ନରେ ରହିଥିଲା ।

*********************************